# ସଂଘମିତ୍ରା ମିଶ୍ର

ଜନ୍ମ - (୧୯୫୩-....) ମସିହା

ଶ୍ରୀମତୀ ସଂଘମିତ୍ରା ମିଶ୍ର ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରଫେସର । ତାଙ୍କର ପୁସ୍ତକଗୁଡ଼ିକ- ଇତିହାସର ହଜିଲା ଖିଅ (ଜୀବନୀ), ବସୁଧାର ପ୍ରତିବାଦ ଓ ଅନ୍ୟାନ୍ୟ ନାଟକ, ଆଧୁନିକ ଓଡ଼ିଆ କବିତା (ସଂପାଦନା)

**ଇତିହାସର ହଜିଲା ଖିଅ (ଜୀବନୀ)**- ପୃଷ୍ଠା-୧୪୦, ପ୍ରକାଶକାଳ-୨୦୦୩, ମୂଲ୍ୟ- ଟ.୧୦୦/-

ବଂଶୀଧର ମିଶ୍ର ଜଣେ ଅଜ୍ଞାତ ସ୍ୱାଧୀନତା ସଂଗ୍ରାମୀ, ଯିଏ ବ୍ରିଟିଶ୍ ସରକାରଙ୍କ ଆଖିରେ ଧୂଳିଦେଇ ଦୀର୍ଘ ୨୪ ବର୍ଷ ଲଣ୍ଡନରେ ସୁରତ ଅଲ୍ଲୀ ଛଦ୍ମ ନାମରେ ରହିଥିଲେ । ଏ ପୁସ୍ତକ ବଂଶୀଧର ମିଶ୍ରଙ୍କର ରୋମାଞ୍ଚକର ଜୀବନ କାହାଣୀ, ଓଡ଼ିଶାର ସ୍ୱାଧୀନତା ଆନ୍ଦୋଳନ ଓ ସ୍ୱାଧୀନତା ପରେ ବଂଶୀଧର ମିଶ୍ରଙ୍କର କାର୍ଯ୍ୟକଳାପ ସମ୍ପର୍କରେ ଲିଖିତ । ସେ ସଂଘମିତ୍ରା ମିଶ୍ରଙ୍କର ପିତା ।

**ଆଧୁନିକ ଓଡ଼ିଆ କବିତା (ସଂପାଦନା)**, ପୃଷ୍ଠା-୧୪୫, ପ୍ରକାଶକାଳ-୨୦୦୪, ମୂଲ୍ୟ-୫୪

ରାଧାନାଥ ରାୟଙ୍କଠାରୁ ହୃଦାନନ୍ଦ ପାଣିଗ୍ରାହୀଙ୍କ ପର୍ଯ୍ୟନ୍ତ କବିଙ୍କର କବିତାର ସଂକଳନ- (ଏମ୍.ଏ. ର ପାଠ୍ୟ) । ଅଗ୍ରଲେଖ ଉପାଦେୟ, ପ୍ରାୟ ଭାଗରେ କବିମାନଙ୍କ ସଂପର୍କରେ ସଂକ୍ଷିପ୍ତ ପରିଚିତି ରହିଛି ।

**ବସୁଧାର ପ୍ରତିବାଦ ଓ ଅନ୍ୟାନ୍ୟ ନାଟକ** (୧୨ଟି ଛୋଟ ନାଟକ ସଂକଳନ), ପୃଷ୍ଠା-୨୨୦, ପ୍ରକାଶକାଳ- ୨୦୦୮, ଦ୍ୱିତୀୟ ମୁଦ୍ରଣ-୨୦୧୦, ମୂଲ୍ୟ- ଟ.୧୮୦/-

ପ୍ରାୟ ସବୁ ରେଡ଼ିଓ ନାଟକ, ସାମାଜିକ ସମସ୍ୟା, ନାରୀ ଜୀବନର ଉତ୍‌ଥାନ ପତନ, ରାଜନୀତିକୁ ନେଇ ସମାଜ ଜୀବନରେ ବିଶୃଙ୍ଖଳା ମୁଖ୍ୟତଃ ଏଗୁଡ଼ିକରେ ଦେଖିବାକୁ ମିଳେ । ରେଡ଼ିଓ ନାଟକ ଭାବରେ ଆକାଶବାଣୀ, କଟକରୁ ପ୍ରଚାରିତ ହୋଇ ଏଗୁଡ଼ିକ ବେଶ୍ ଲୋକପ୍ରିୟ ।